# Akashvani, Sambalpur

## SAMBALPURI NEWS EVENING BULLETIN

## 25 April 2024- 7.02 pm- 7.12 pm.

**********************************************

୧- ବ୍ରହ୍ମପୁର୍, କଲାହାଣ୍ଡି, ନବରଙ୍ଗପୁର୍ ଆର୍ କୋରାପୁଟ୍ ଲୋକ୍‌ସଭା କ୍ଷେତ୍ର ଲାଗି ଆଏଜ୍ ସର୍‌ଲା ନାମାଙ୍କନ୍ ପତ୍ର ଦାଖଲ୍ ।

- ଆଏବା କାଏଲ୍ ୨ ନମ୍ବର୍ ଖେପେ ଦେଶର୍ ୮୮ ଟା ଆସନ୍ ଲାଗି ହେବା ଭୋଟ୍ ।

୨- ସୋନ୍‌ପୁର୍ ନ ବିଜେପିର୍ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ।

- ଦେଶର୍ ବିକାଶ୍ ଲାଗି ସଂକଳ୍ପ ନେବାର୍‌କେ ଲୋକ୍‌ମାନ୍‌କୁ ଦେଲେ ଆହ୍ୱାନ୍ ।

୩- ମେଲେରିଆ ବିରୋଧ୍‌ଥି ଲଢ଼େଇକେ ତୁର୍‌ତି କର୍‌ବାର୍ ବାର୍ତାକେ ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ମେଲେରିଆ ଦିବସ୍ ।

ଆଉର୍

୪- ରାଏଜେ ଜାରି ରହିଛେ ଜବର୍ ଖରା ।

- ଝାର୍ସୁଗୁଡ଼ା ନ ରେକର୍ଡ଼ କରାଯାଇଛେ ସବୁନୁ ଜହ ତାତି ୪୩ ଦଶ୍ମିକ୍ ୮ ଡିଗ୍ରୀ ସେଲ୍ସିଅସ୍ ।

ନାମାଙ୍କନ ପତ୍ର ଦାଖଲ୍ ଶେଷ୍ଦିନ୍ ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ପହେଲା ଖେପ୍ ଭୋଟ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ ଆଏଜ୍ ଶେଷ୍ ହେଇଛେ । ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ନୁ ମିଲିଥିବା ସୂଚ୍ନା ଅନ୍ସାରେ ଏବ୍ତକ୍ କଲାହାଣ୍ଡି, ନବରଙ୍ଗ୍ପୁର୍, ବ୍ରହ୍ମପୁର୍ ଆର୍ କୋରାପୁଟ୍ ଲୋକ୍ସଭା ଆସନ୍ ଲାଗି ୩୦ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ସେନ୍ତା ଇତାର୍ ଅଧୀନ୍ଥି ୨୮ ଟା ବିଧାନ୍ସଭା ଆସନ୍ ଲାଗି ଶହେ ୭୮ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଆଏବା କାଏଲ୍ ନାମାଙ୍କନ୍ ପତ୍ର ମାନ୍କର୍ ଯାଂଚ୍ ହେବା । ୨୯ ତାରିଖ୍ ଦିନ ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍ ଲାଗି ଶେଷ୍ ଦିନ୍ ଧାରିଜ୍ କରାଯାଇଥିବାର୍ ବେଲେ ଆଏବା ମାସ ୧୩ ତାରିଖ୍ ଦିନ ଭୋଟ୍ ହେବା ।

ସେଆଡ଼େ ରାଏଜେ ୨ ନମ୍ବର୍ ଖେପ୍ଥି ବର୍ଗଡ଼୍, ସୁନ୍ଦର୍ଗଡ଼୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା ସଂସଦୀୟ କ୍ଷେତ୍ର ଆଉ ବିଧାନ୍ସଭା ଆସନ୍ ମାନ୍କୁ ଭୋଟ୍ ହେବା । ଇଥିର୍ଲାଗି

ଆଏବାକାଏଲ୍‌ନୁ ମେ ମାସର୍ ୩ ତାରିଖତକ୍ ନାମାଙ୍କନ୍ ପତ୍ର ଦାଖଲ୍ କରାଯିବା ।

ଦେଶ୍- ୨ ନମ୍ବର୍ ଖେପ୍ ନିର୍ବାଚନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଲୋକସଭା ନିର୍ବାଚନ୍‌ର ଦୁଇ ନମ୍ବର ଖେପେ ଆଏବା କାଏଲ୍ ଦେଶର ୧୩ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ ଇଲାକାର ୮୮ଟା ଲୋକସଭା ଆସନ ଲାଗି ଭୋଟ୍ ହେବା । ଆଏବା କାଏଲ୍ ସକାଲ ୭ ବଜେ ଭୋଟ୍ ମୂଲ୍ ହେଇ କରି ସଞ୍ଝର୍ ୬ ବଜେ ତକ୍ ଚାଲ୍‌ବା । ନିର୍ବାଚନ୍‌କେ ସୁରୁଖୁରୁଥି ପରିଚାଳନା ଲାଗି ସବୁ ରକ୍‌ମର୍ ବ୍ୟବସ୍ଥା କରାଯାଇଛେ ବଲି ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ସୂଚ୍‌ନା ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ସଂସଦୀୟ କ୍ଷେତ୍ର ନ ୧୬କୋଟି ଭୋଟର୍ ଅଛନ୍ । ଇଥିର୍‌ଲାଗି ୧ ଲାଖ୍ ୬୭ହଜାର ପୁଲିଂ ବୁଥ୍ କରାଯାଇଛେ ।

ଅମିତ୍ ଶାହା- ବିଜୟ ସଂକଳ୍ପ ଯାତ୍ରା ଆର୍‌ଏନ୍‌ୟୁ/ କଟକ୍

ସୋନ୍‌ପୁର୍‌ର ରାମେଶ୍ୱର୍ ଷ୍ଟାଡ଼ିୟମ୍ ଠାନେ ଆଏଜ୍ ଭାରତୀୟ ଜନତା ପାର୍ଟିର ବିଜୟ ସଂକଳ୍ପ ସମାବେଶ୍‌ଥି ଦଲର୍ ବରିଷ୍ଠ

ନେତା ଆଉ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଉଦ୍‌ବୋଧନ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଗେରେଂଟି ଉପ୍‌ରେ କହିଛନ୍ । ଦେଶର୍ ବିକାଶ୍ ଲାଗି ଶ୍ରୀ ଶାହା ଲୋକ୍‌ମାନ୍‌କୁ ସଂକଳ୍ପ ନେବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ଓଡ଼ିଶାର୍ ବିକାଶ୍ ଲାଗି ଲୋକ୍‌ସଭା ଆଉ ବିଧାନ୍‌ସଭାନୁ ବିଜେପି ପ୍ରାର୍ଥୀଙ୍କୁ ଚଲ୍‌ତି ନିର୍ବାଚନ୍‌ଥି ଜିତାବାର୍ ଲାଗି ସେ ନିବେଦନ୍ କରିଛନ୍ । ବିଜେପିର୍ ପହେଲା ନିର୍ବାଚନୀ ସମାବେଶ୍‌ଥି ଉଦ୍‌ବୋଧନ୍ ଦେଇକରି ଶ୍ରୀ ଶାହା କହିଛନ୍ ଯେ, ଆଏବା ନିର୍ବାଚନ୍ ବିଜେପିକେ ଜିତାବା । ରାଜ୍ୟ ଆଉ କେନ୍ଦ୍ର ନ ବିଜେପି ସର୍‌କାର୍ ଗଠନ୍ କର୍‌ବାର୍ ଲାଗି ଶ୍ରୀ ଶାହା ଲୋକ୍‌ମାନ୍‌କୁ ଅନୁରୋଧ୍ କରିଛନ୍ । ବିଜୟ ସଂକଳ୍ପ ସମାବେଶ୍‌ଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ରାଜ୍ୟ ବିଜେପି ସଭାପତି ମନ୍‌ମୋହନ୍ ସାମଲ୍, ରାଜ୍ୟ ବିରୋଧୀ ଦଲର୍ ନେତା ଜୟନାରାୟଣ୍ ମିଶ୍ର, ଦଲର୍ ବରିଷ୍ଠ ନେତା କନକ୍ ବର୍ଦ୍ଧନ୍ ସିଂହଦେଓ, ସାଂସଦ୍ ସଙ୍ଗୀତା କୁମାରୀ ସିଂହଦେଓ ଆର୍ ପଶ୍ଚିମ ଓଡ଼ିଶାର୍ ୪ ଟା ସଂସଦୀୟ କ୍ଷେତ୍ରର୍ ଲୋକ୍‌ସଭା ଆଉ ବିଧାନ୍‌ସଭାର ପ୍ରାର୍ଥୀମାନେ ଯୋଗ୍ ଦେଇଥିଲେ । ବିଜେପିର ଇ ବିଜୟ ସଂକଳ୍ପ ସମାବେଶ୍‌ଥି ବଲାଙ୍ଗିର୍, ସମ୍ବଲ୍‌ପୁର୍, ବର୍‌ଗଡ୍, ଅନୁଗୁଲ୍, ବୌଦ୍ଧ

ଜିଲ୍ଲାନୁ ବହୁତ୍ ସଂଖ୍ୟାଥି ଲୋକ୍‌ମାନେ ସାମିଲ୍ ହେଇଥିଲେ ।

୧୦ କମ୍ପାନୀ-ତ୍ରିପୁରା ରାଜ୍ୟ ସଶସ୍ତ୍ର ପୁଲିସ୍ ବାହିନୀ

ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସ୍ୱଚ୍ଛ, ମୁକ୍ତ ଆର୍ ଅବାଧ ନିର୍ବାଚନ୍ ପରିଚାଳନା ଲାଗି ଅତିରିକ୍ତ ୧୦ କମ୍ପାନୀ-ତ୍ରିପୁରା ରାଜ୍ୟ ସଶସ୍ତ୍ର ପୁଲିସ୍ ବାହିନୀ ମୁତୟନ୍ କରାଯିବା । ଇ ବାବ୍‌ଦେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ମିଲିଛେ । ଇ ସଶସ୍ତ୍ର ପୁଲିସ୍ ବଳ ସୁବର୍ଣ୍ଣପୁର୍, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ଗଜପତି, ଗଞ୍ଜାମ୍, ନୟାଗଡ଼୍, ଖୋର୍ଦ୍ଧା, ଜଗତ୍‌ସିଂହପୁର୍ ଆର୍ ଢେଙ୍କାନାଲ୍ ଜିଲ୍ଲା ନ ମୁତୟନ୍ ହେବେ । ଇ ସଶସ୍ତ୍ର ପୁଲିସ୍ ବଳ ନିୟୋଜିତ୍ ହେଇଥିବା ଜାଗା ମାନ୍‌କେ ମେ ୧ ତାରିଖ୍‌ନୁ କାମ୍ ମୁଳ୍ କର୍‌ବେ ।

ଖରାଛୁଟି ଆର୍‌ଏନ୍‌ୟୁ/ କଟକ୍

ଜବର୍ ଖରାକେ ନଜର୍‌ଥି ରଖିକରି ଆଏଜ୍ ଠାନୁ ରାଜ୍ୟର୍ ସ୍କୁଲ୍ ମାନ୍‌କେ ଖରାଛୁଟି ମୁଲ୍ ହେଇଛେ । ଛୁଟି ସମିଆଥି ସବୁ ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପାଉଥିବା ସ୍କୁଲ୍ ମାନ୍‌କେ ଶିକ୍ଷା ଆଉ ଶୈକ୍ଷିକ କାର୍ଯ୍ୟକ୍ରମ୍ ଲାଗି ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଆଉ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ମାନ୍‌କର୍ ଦେଖ୍‌ରେଖ୍‌ଥି ବିଦ୍ୟାଳୟ ପରିଚାଳନା କରାଯିବା । ଏଛେନ୍ ସ୍କୁଲ୍‌ମାନ୍‌କେ ନାଁଲେଖା ଚାଲିଛେ । ନାଁଲେଖା ସର୍‌ବାର୍‌ତକ୍ ସଖାଲର୍ ସାଢ଼େ ୬ ବଜେନୁ ସାଢ଼େ ୧୦ ବଜେତକ୍ ସ୍କୁଲ୍ ଅଫିସ୍ ଖୁଲା ରହେବା ।

ଗ୍ରୀଷ୍ମପ୍ରବାହ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଜବର୍ ଖରା ବଢୁଥିବାର୍‌ନୁ ଦିନ୍‌କେ ଦିନ୍ ଝାଉପିଟା ରୋଗୀଙ୍କର୍ ଚିକିତ୍ସା ଲାଗି ଭୁବ୍‌ନେଶ୍ୱର୍ ଏମ୍ସ ନ ସ୍ୱତନ୍ତ୍ର ହିଟ୍‌ଷ୍ଟ୍ରୋକ୍ ୟୁନିଟ୍ ଖୁଲାଯାଇଛେ । ସମ୍ଭାବ୍ୟ ଆପାଦକାଳୀନ ପରିସ୍ଥିତିର ମୁକାବିଲା ଲାଗି ଏମ୍ସ ଭୁବ୍‌ନେଶ୍ୱର୍‌ର ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ୍ ୟୁନିଟ୍ ଖାସ୍ ସାହାଜ୍ କର୍‌ବା ବଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ୍ ଆଶୁତୋଷ୍ ବିଶ୍ୱାସ୍ କହିଛନ୍ । ଆୟୁସ୍ ବିଭାଗ୍‌ଥି ୬ ଶଯ୍ୟା ଥିବା ଇ ସ୍ୱତନ୍ତ୍ର

ହିଟ୍‌ଷ୍ଟ୍ରୋକ୍ ୟୁନିଟ୍ ଗଲାହପ୍ତାନୁ କାମ କରୁଛେ ବଲି ଏମ୍ବର ମେଡ଼ିକାଲ୍ ଅଧିକ୍ଷକ ଡକ୍ଟର୍ ଦିଲ୍ଲୀପ୍ କୁମାର୍ ପରିଡ଼ା ସୂଚ୍‌ନା ଦେଇଛନ୍ ।

ମେଲେରିଆ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ଅଏତ୍‌କା ନ୍ୟାୟ ସମ୍ପନ୍ନ ପୁର୍‌ଥି ଲାଗି ମେଲେରିଆ ବିରୋଧିଥି ଲଢ଼େଇକେ ତୁର୍‌ତି କର୍‌ବାର୍ ବାର୍ତା ନେଇକରି ଆଏଜ୍ ବିଶ୍ୱ ମେଲେରିଆ ଦିବସ୍ ପାଲନ୍ କରାଯାଉଛେ । ୨୦୦୮ ମସିହା ନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଆଝିର୍ ଦିନ୍‌କେ ମେଲେରିଆର ଭୟାବହତାକେ ନେଇକରି ଲୁକ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ପୁର୍‌ଥି ନ ମେଲେରିଆ ଗୁଟେ ଚିନ୍ତାଜନକ୍ ସ୍ୱାସ୍ଥ୍ୟସମସ୍ୟା ହେଇଛେ । ମାଈ ଏନୋଫିଲିସ୍ ମଶା ଚାବ୍‌ଲେ ସାଧାରଣତଃ ମେଲେରିଆ ଜର୍ ହେସି । ତଥ୍ୟ ଅନ୍‌ସାରେ ପୁର୍‌ଥି ନ ୨ ବଛର୍ ଆଗ୍‌ରୁ ୬ ଲାଖ୍ ୮ ହଜାର୍ ଝନ୍‌କର୍ ମେଲେରିଆଥି ଜୀବନ୍ ଯାଇଥିଲା । ଭାରତ୍ ନ ରାଜ୍ୟମାନ୍‌କର୍ ଭିତ୍‌ରେ ଓଡ଼ିଶା ନ ସବୁନୁ ଅଏତ୍‌କା ମେଲେରିଆ ରୋଗୀ ଦେଖାଦେସନ୍ । ଗଲାବଛର୍ ମେଲେରିଆ ଜର୍‌ଥି ଦେଶେ ପାଖାପାଖି ୩୪

ଲାଖ୍ ରୋଗୀ ଆକ୍ରାନ୍ତ ହେଇଥିଲେ ଆର୍ ସେମାନ୍‌କର୍ ଭିତ୍‌ରୁ ସାଢ଼େ ୫ ହଜାର୍ ରୋଗୀଙ୍କର୍ ଜୀବନ୍ ଯାଇଥିଲା । ଗଲାବଛର୍ ଓଡ଼ିଶା ନ ପାଖାପାଖି ୪୨ ହଜାର୍ ଲୋକ୍ ମେଲେରିଆ ଜର୍‌ଥି ଆକ୍ରାନ୍ତ ହେଇଥିବାର୍ ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ । ୨୦୩୦ ମସିହାତକ୍ ଦେଶ୍‌କେ ସମ୍ପୂର୍ଣ୍ଣ ମେଲେରିଆ ମୁକ୍ତ କର୍‌ବାର୍ ଲାଗି ଦମନ୍-ଦୁର୍ଗମ୍ ଇଲାକା ନ ମେଲେରିଆ ନିରାକରଣ୍ କାର୍ଯ୍ୟକ୍ରମ୍ ସର୍‌କାରୀସ୍ତରଥି ଜାରି ରହିଛେ ।

ମେଲେରିଆ ଦିବସ୍-ଦେବ୍‌ଗଡ଼୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର୍ ସଭାଗୃହ ଠାନେ ବିଶ୍ୱ ମେଲେରିଆ ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ପ୍ରଭାତ୍ କୁମାର୍ ଓଝା କାର୍ଯ୍ୟକ୍ରମ୍‌ଥି ଅଧକ୍ଷତା କରିକରି ବିଶ୍ୱ ମେଲେରିଆ ଦିବସ୍ ପାଲନ୍‌ର ଉଦ୍ଦେଶ୍ୟ ଆର୍ ମେଲେରିଆକେ ଆଏତ୍ କର୍‌ବାର୍ ଉପ୍‌ରେ ଆଲୋଚନା କରିଥିଲେ ।

ରଥକାଠ ଆର୍‌ଏନ୍‌ୟୁ/ କଟକ୍

ଇ ବଛର୍ ରଥଯାତ୍ରା ଲାଗି ଆଏଜ୍ ପୁରୀ ନ ୩ ନମ୍ବର୍ ଖେପ୍ ରଥକାଠ ପୁହୁଁଚିଛେ । ତିନ୍‌ହି ରଥ ତିଆରି ଲାଗି ନୟାଗଡ୍ ଜିଲ୍ଲା ଦଶ୍‌ପଲ୍ଲା ଜଙ୍ଗଲ୍‌ନୁ ୨୩ ଖଣ୍ଡ ଅସନ, ୪୦ ଫୁଟିଆ ଧଉରାକାଠ ପୁରୀ ଶ୍ରୀମନ୍ଦିର୍‌ର ରଥଖଲା ନ ପୁହୁଁଚିଛେ । ତିନ୍‌ହି ରଥ ତିଆର୍ ଲାଗି ୮ ଶହ ୬୫ ଖଁଡ୍ କାଠ୍ ଦର୍‌କାର୍ ହେସି । ପରମ୍ପରା ଅନ୍‌ସାରେ ପବିତ୍ର ରାମ୍‌ନଅମୀ ଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ରଥଯାତ୍ରା ଲାଗି ରଥକାଠ ଚିରା ଅନୁକୁଲ୍ ହେସି । କଟକ୍‌ର ଖପୁରିଆ ନ ଥିବା ଜଙ୍ଗଲ୍ ବିଭାଗ୍‌ର ସର୍‌କାରୀ କରତ୍‌କଲ୍‌ଥି କାଠ୍ ଚିରା ମୁଲ୍ ହେଇଛେ । ଶ୍ରୀମନ୍ଦିର୍ ପରିଚାଲନା କମିଟିର୍ ସଦସ୍ୟ ମହାପ୍ରଭୁଙ୍କର୍ ଆଜ୍ଞାମାଲ୍ ମାନିକରି ପୁହୁଁଚିବାର୍ ଉତ୍‌ରୁ ନୀତି ଅନ୍‌ସାରେ ପୂଜା କରାଯାଇକରି କାଠ ଚିରା କାମ୍ ମୁଲ୍ ହେଇଥିଲା । ଆଏବା ମାସ ପବିତ୍ର ଅକ୍ଷୟତୃତୀୟାଥି ରଥ ତିଆରି କାମ୍ ଅନୁକୁଲ୍ କରାଯିବା ।

ଦୁର୍ଘଟଣା- ସମ୍ବଲ୍‌ପୁର୍ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଧନୁପାଲି ଥାନାର୍ ଭତ୍‌ରା ର୍ ଶଙ୍କର୍‌ମଠ୍ ପାଖେ ଆଏଜ୍ ଗୁଟେ ସଡ଼କ୍ ଦୁର୍ଘଟଣାଥି ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ଆଉ ୫ ଝନ୍ ଆହତ୍ ହେଇଛନ୍ ।

ଆହତ୍‌ମାନ୍‌କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ଭର୍ତି କରାଯାଇଛେ । ଇମାନେ ଗୁଟେ ଅଟୋଥି ଯାଉଥିବାର୍ ବେଲେ ଗୁଟେ କାର୍ ସାଙ୍ଗେ ମୁହାଁମୁହିଁ ଧକ୍କା ହେବାର୍‌ନୁ ଅଟୋଟା ଉଲଟି ଯାଇକରି ଦୁର୍ଘଟଣା ଘଟିଥିଲା ।

ମେନେଜ୍‌ମେଂଟ୍‌ଥି ଏମ୍‌ବିଏ ସମ୍ବଲପୁର୍ ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍‌ପୁର୍ ଆର୍ ଏନ୍‌ଏସ୍‌ଇ ଏକାଡେମୀ ତର୍‌ଫୁ ମେନେଜ୍‌ମେଂଟ୍‌ଥି ଏମ୍‌ବିଏ ଥି ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଆଏବା ମାସର୍ ୨୪ ତାରିଖ୍‌ତକ୍ ଅନ୍‌ଲାଇନ୍‌ଥି ଆବେଦନ୍ କରାଯାଇପାର୍‌ବା ।

ଯବାନ୍ -ମାଓବାଦୀ ମୁହାଁମୁହିଁ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ କଂଟାମାଲ୍ ଥାନାର୍ ପାଢ଼େର୍ ଡେମ୍ ପାଖର୍ ଜଙ୍ଗଲ୍ ନ ଆଏଜ୍ ସୁରକ୍ଷା କର୍ମୀ ଆର୍ ମାଓବାଦୀମାନ୍‌କର୍ ଭିତ୍‌ରେ ଗୁଳିମରିଥି ୨ ଝନ୍ ମାଓବାଦୀଙ୍କର୍ ମୃତ୍ୟୁ ହେଇଛେ । କମ୍ବିଂ ଅପରେସନ୍ ବେଲେ ଏସ୍‌ଓଜି ଯବାନ୍ ଆର୍ ମାଓବାଦୀ ମୁହାଁମୁହିଁ ହେଇଥିଲେ । ଏବ୍‌ତକ୍

ସୁରକ୍ଷାବଲ୍ ତର୍ଫୁ କମ୍ବିଂ ଅପରେସନ୍ ଜାରି ରହିଛେ ବଲି ବୌଦ୍ଧ ସମ୍ବାଦଦାତା ଜନେଇଛନ୍ ।

ପୁଲିଂ - ପ୍ରିଜାଇଡିଂ ଅଧିକାରୀ ତାଲିମ୍     ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ସାଧାରଣ ନିର୍ବାଚନ୍ ଲାଗି ୪୦ ଟା ସଖୀ ବୁଥ୍ ଲାଗି ନିୟୋଜିତ ହେଇଥିବା ମହିଳା ପୁଲିଂ ଆଉ ପ୍ରିଜାଇଡିଂ ଅଫିସର୍ ମାନ୍‌କର୍ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ମତଦାନ୍ କାମ୍‌କେ ସରଲ୍ ଆଉ ନିର୍ଭୁଲ୍ କର୍‌ବାର୍ ଲାଗି ମହିଳା ପୁଲିଂ ଅଧିକାରୀମାନ୍‌କୁ ତାଲିମ୍ ଦିଆଯାଇଥିଲା । ଜିଲ୍ଲାପାଲ୍ ଆର୍ ଜିଲ୍ଲା ନିର୍ବାଚନ୍ ଅଧିକାରୀ ସୋମେଶ୍ କୁମାର୍ ଉପାଧ୍ୟାୟଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା ଇ ଶିବିର୍‌ଥି ୨୮ ଝନ୍ ମହିଳା ପ୍ରିଜାଇଡିଂ ଅଫିସର୍, ୪୫ ଝନ୍ ମହିଳା ପୁଲିଂ ଅଧିକାରୀଙ୍କୁ ନିର୍ଭୁଲ୍ ଭାବେ ନିର୍ବାଚନ୍ ଦାୟିତ୍ୱ ତୁଲାବାର୍‌କେ ତାଲିମ୍ ଦିଆଯାଇଛେ ।

ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା     ଆର୍‌ଏନ୍‌ୟୁ/ କଟକ୍

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ତରଫ୍ରୁ ହେଉଥିବା ଯୁକ୍ତ ଦୁଇ ପରୀକ୍ଷାର୍ ଅନ୍‌ଲାଇନ୍ ଖାତା ଦେଖା ଶେଷ୍ ହେଇଛେ । ଅଫ୍‌ଲାଇନ୍ ଖାତାଦେଖା ଆଏଜ୍ ଶେଷ୍ ହେବା ବଲି ପରିଷଦ୍ ତରଫ୍ରୁ କୁହାଯାଇଛେ । ଆଏବା କାଏଲ୍‌ନୁ ପରୀକ୍ଷାଫଲ୍ ବାହାର୍‌ବାର୍ ଲାଗି ପଦକ୍ଷେପ୍ ନିଆଯିବା । ମେ ମାସ ୨ ନମ୍ବର୍ ହପ୍ତା ଆଡ଼େ ପରୀକ୍ଷାଫଲ୍ ବାହାର୍‌ବା ବଲି ବିଭାଗ୍ ତରଫ୍ରୁ କୁହାଯାଇଛେ ।

ଶିମିଲିପାଲ୍- ଏ.ଆଇ. କେମ୍‌ରା ଆର୍‌ଏନ୍‌ୟୁ/ କଟକ୍

ଶିମିଲିପାଲ୍ ଜଙ୍ଗଲ୍ ନ ନିଆଁ ଲାଗ୍‌ବାର୍ ଉପ୍‌ରେ ଆର୍ଟିଫିସିଆଲ୍ ଇଂଟଲିଜେନ୍ସ-ଏ.ଆଇ. ନଜର୍ ରଖିଛେ ବଲି ପ୍ରଧାନ୍ ମୁଖ୍ୟ ବନସଂରକ୍ଷକ ସୁଶାନ୍ତ ନନ୍ଦ କହିଛନ୍ । ଇ ଜଙ୍ଗଲ୍‌ଥି ପରୀକ୍ଷାମୂଲକ୍ ଭାବେ ୬ ଟା ଏ.ଆଇ. କେମ୍‌ରା ବେଭାର୍ ହେଉଛେ । ନିଆଁ ଲାଗ୍‌ବାର୍‌ଖିନ୍ କେମ୍‌ରାଥି ଜଙ୍ଗଲ୍ ବିଭାଗ୍ ଖବର୍ ଠୋଲ୍ କରିପାରୁଛେ । ପଛେ ସାତକୋଶିଆ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜଙ୍ଗଲ୍‌ଥି ଏ.ଆଇ. କେମ୍‌ରା ବେଭାର୍ କରାଯିବା ବଲି ଶ୍ରୀ ନନ୍ଦ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଜବର୍ ଖରା ଜାରି ରହିଛେ । ଆଏଜ୍ ରାଜ୍ୟର୍ ସବୁନୁ ଅଏତ୍କା ତାତି ଝାର୍ସୁଗୁଡ଼ା ନ ୪୩ ଦଶ୍ମିକ୍ ୮ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ୍ କରାଯାଇଛେ । ୨୨ ଟା ସହର୍ ନ ଦିନର୍ ତାତି ୪୨ ଡିଗ୍ରୀ ନୁ ଜହ ଥିବାର୍ ବେଲେ ୩୩ ଟା ସହର୍ ନ ୪୦ ଡିଗ୍ରୀନୁ ଅଏତ୍କା ରେକର୍ଡ କରାଯାଇଥିଲା ।

ଇତାର୍ ସହେତେ ଆଏବା ୪ ଦିନ୍ ଭିତ୍ରେ ରାଜ୍ୟର୍ ବହୁତ୍ଟେ ଜାଗା ନ ଦିନର୍ ତାପମାତ୍ରା ୪ ନୁ ୬ ଡିଗ୍ରୀତକ୍ ବଢ଼୍ବାର୍ ସମ୍ଭାବନା ରହିଛେ ବଲି ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ମିଲିଛେ ।